# NATIONAL NEWS BULLETIN (ODIA)

## 15th August’ 2026

## Morning Bulletin : 9.57 a.m.

*******************************

## ମୁଖ୍ୟ ସମ୍ବାଦ

- ୮୦ତମ ସ୍ୱାଧୀନତା ଦିବସ ଅବସରରେ ଐତିହାସିକ ଲାଲ୍‌କିଲ୍ଲାରେ ଆୟୋଜିତ ରାଷ୍ଟ୍ରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ।

— ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସଙ୍କଳ୍ପ ନେବାକୁ ଦେଶବାସୀଙ୍କୁ ଦେଲେ ଆହ୍ୱାନ ।

— ଦେଶର ସମସ୍ତ ନାଗରିକ ନିଜର ଆକାଂକ୍ଷା ଓ ସ୍ୱପ୍ନ ପୂରଣ ଲାଗି ଉପଲବ୍ଧ ସୁଯୋଗର ସଦୁପଯୋଗ କରିବା ହେଉଛି ସ୍ୱାଧୀନତାର ସାର୍ଥକତା ।

— ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଗତସନ୍ଧ୍ୟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ରାଷ୍ଟ୍ରପତି ।

- ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଲେ ଉପରାଷ୍ଟ୍ରପତି, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ୍ ଆଜି ଖେଳାଯିବ ଗାଲା ଆନ୍ତର୍ଜାତିକ ଷ୍ଟାଡିୟମରେ ।

# ପି.ଏମ୍. - ଇଣ୍ଡିପେଣ୍ଡେନ୍ସ ଡେ

୮୦ତମ ସ୍ୱାଧୀନତା ଦିବସ ଆଜି ଦେଶବ୍ୟାପୀ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଉଛି । ଏହି ଅବସରରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଆୟୋଜିତ ରାଷ୍ଟ୍ରୀୟସ୍ତରୀୟ ମୁଖ୍ୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଭାରତୀୟ ବାୟୁସେନାର ୨ଟି ଏମ୍.ଆଇ.-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବାପରେ ଜାତୀୟ ପତାକା ଉତ୍ତୋଳନ ସହିତ ୨୧ ତୋପ ସଲାମୀର ପ୍ରଦର୍ଶନ କରାଯାଇଛି । ଚଳିତ ବର୍ଷ ପ୍ରଥମ ଥର ଲାଗି ଲାଲ୍‌କିଲ୍ଲାରେ ବନ୍ଦେ ମାତରମ୍ ଗାନ କରାଯାଇଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍ ଏବଂ ମାଇଁ

ଭାରତର ସ୍ୱେଚ୍ଛାସେବୀମାନେ ଏହାକୁ ଗାନ କରିଥିଲେ । ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଛି ।

ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ବଡ଼ ସ୍ୱପ୍ନ ଦେଖିବା ସହିତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି । ଏଥିଲାଗି ଦେଶର ସାମର୍ଥ୍ୟକୁ ସଶକ୍ତ କରିବା ଉପରେ ଶ୍ରୀ ମୋଦି ଗୁରୁତ୍ୱ ଦେଇ କହିଛନ୍ତି, ବିଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ନୂତନ ସଂକଳ୍ପ ସହିତ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରଗତି ହେଉଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

***Voice (PM - Bikshit Bharat)*** :………

୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ସମୟରେ ଭାରତ ଅନେକ ସଙ୍କଟକୁ ସଫଳତାର ସହ ମୁକାବିଲା କରିପାରିଛି । ବିଶେଷକରି କୋଭିଡ୍‌-୧୯ ମହାମାରି ଏବଂ ପରେ ପରେ ୟୁକ୍ରେନ୍‌ ଓ ପଶ୍ଚିମ ଏସିଆ ବିବାଦଜନିତ ସୃଷ୍ଟ ପରିସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ସଙ୍କଟ ସମୟରେ ଦେଶରେ ଟିକା, ଇନ୍ଧନ ଓ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ସଙ୍କଟକୁ ନେଇ ଅନେକ ଗୁଜବ ସୃଷ୍ଟି ହୋଇଥିଲା । ମାତ୍ର ସରକାରଙ୍କର ସୁଚିନ୍ତିତ ନୀତି, ପ୍ରସ୍ତୁତି ଏବଂ ପ୍ରତିଷେଧ ମୂଳକ ବ୍ୟବସ୍ଥାଦ୍ୱାରା ଭାରତ ଏହିସବୁ ସମସ୍ୟାକୁ ପ୍ରତିହତ କରିବାରେ ସଫଳ ହୋଇପାରିଛି । ସରକାରଙ୍କର 'ନାଗରିକ ଦେବଃ ଭବ'

ନୀତି ଅନୁଯାୟୀ ଗତ ୧୨ ବର୍ଷ ମଧ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ସମସ୍ତ ସଙ୍କଟକୁ ମୁକାବିଲା କରାଯାଇଛି । ବର୍ତ୍ତମାନ ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍, ଡିଜେଲ୍, ରନ୍ଧନ ଗ୍ୟାସ୍ ଓ ୟୁରିଆ ମହଜୁଦ ରହିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Urea-Gas line)*** :.........

ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ଗତ ୧୨ ବର୍ଷ ମଧ୍ୟରେ ଭାରତ ଅନେକ କ୍ଷେତ୍ରରେ ଆତ୍ମନିର୍ଭର ହେବାରେ ସକ୍ଷମ ହୋଇପାରିଛି । ଏହି ସମୟ ମଧ୍ୟରେ ପ୍ରତିରକ୍ଷା ଉତ୍ପାଦନ ୪ ଗୁଣା ବୃଦ୍ଧି ପାଇବା ସହିତ ଭାରତ ବର୍ତ୍ତମାନ ଏକ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇପାରିଛି । ସେହିଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଭାରତର ବର୍ତ୍ତମାନ ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । ସେ କହିଛନ୍ତି, ବର୍ତ୍ତମାନ ପ୍ରତ୍ୟେକ ଭାରତୀୟ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ୍ ଫର୍ ଲୋକାଲ ଭାବନା ସହିତ ଦେଶ ପ୍ରଗତିରେ ନିଜକୁ ସାମିଲ୍ କରିଛନ୍ତି । ଭାରତ ବିଭିନ୍ନ ସାମଗ୍ରୀ ଲାଗି ଅନ୍ୟ ଦେଶ ଉପରେ ନିର୍ଭରଶୀଳ ହୋଇ ଏଣିକି ଆତ୍ମନିର୍ଭର ହେବା ପଥରେ ଆଗେଇ ଚାଲିଛି । ଏତଦ୍‌ବ୍ୟତୀତ ଦେଶରେ ବ୍ୟାବସାୟିକ କାର୍ଯ୍ୟକଳାପ ବୃଦ୍ଧି କରିବା ଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ପାଇଁ ଭାରତ ବର୍ତ୍ତମାନ ବିଶ୍ୱ ସ୍ତରରେ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ବିଶ୍ୱସ୍ତ

ରାଷ୍ଟ୍ର ଭାବେ ପରିଗଣିତ ହେଉଛି । ଫଳରେ ବିଶ୍ୱର ଦୃଷ୍ଟିଭଙ୍ଗୀ ଆମ ପ୍ରତି ବଦଳିବା ସହିତ ଭାରତର ଦୃଷ୍ଟିକୋଣକୁ ବିଭିନ୍ନ ଆନ୍ତର୍ଜାତିକ  ମଞ୍ଚରେ ସମ୍ମାନ ମିଳୁଛି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Atmanirbhar)*** :.........

ଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସମୟରେ ଦେଶ ଦ୍ରୁତଗତିରେ ବିକାଶ ଅଭିମୁଖେ ଗତି କରୁଛି । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଦେଶର ଗରିବ, କୃଷକ, ଛୋଟ ବ୍ୟବସାୟୀ, ମହିଳା, ଯୁବବର୍ଗ ତଥା ବିଭିନ୍ନ ବର୍ଗର ଲୋକେ ଉପକୃତ ହୋଇପାରିଛନ୍ତି । ଏହାର ଫଳସ୍ୱରୂପ ଗତ ୧୨ ବର୍ଷ ମଧ୍ୟରେ ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦି କହିଛନ୍ତି, ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ଭାରତ ପ୍ରାୟ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହାଦ୍ୱାରା ଭାରତୀୟ ବ୍ୟାବସାୟିକ ନେତୃବୃନ୍ଦ ଏବଂ ରପ୍ତାନୀକାରୀଙ୍କ ଲାଗି ପ୍ରଚୁର ସୁଯୋଗ ସୃଷ୍ଟି ହୋଇଛି । ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଏହାର ସୁଯୋଗ ନେଇ ଭାରତୀୟ ଉତ୍ପାଦଗୁଡ଼ିକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଶକ୍ତି ସୁରକ୍ଷାକୁ ବର୍ତ୍ତମାନ ସମୟର ଆହ୍ୱାନ ଭାବେ ଅଭିହିତ କରି ଶ୍ରୀ ମୋଦି କହିଛନ୍ତି, ଏଦିଗରେ ସରକାର ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶର ଶକ୍ତି ସୁରକ୍ଷା ଲାଗି ଆଣବିକ ଶକ୍ତି ଅନେକ ଗୁରୁତ୍ୱ ବହନ କରେ । ୨୦୪୭ ସୁଦ୍ଧା ଦେଶର ଆଣବିକ ଶକ୍ତି କ୍ଷମତା ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖି ସରକାର କାର୍ଯ୍ୟ କରୁଛନ୍ତି । ଏହି ପଦକ୍ଷେପ ଆଣବିକ ଶକ୍ତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

***Voice (PM - Neuclear Power)*** :.........

## ଇଣ୍ଡିପେଣ୍ଡେନ୍ସ ଗ୍ରିଟିଂ

ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଗତକାଲି ସନ୍ଧ୍ୟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସମାବେଶୀ ଦେଶପ୍ରେମର ଭାବନା ସହିତ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ନିଜକୁ ସମର୍ପିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସ୍ୱାଧୀନତାର ସାର୍ଥକତା ହେଉଛି ଦେଶର ସମସ୍ତ ନାଗରିକ ଯେପରି ନିଜର ଆକାଂକ୍ଷା ଓ ସ୍ୱପ୍ନ ପୂରଣ ଲାଗି ଉପଲବ୍ଧ ସୁଯୋଗର ସଦୁପଯୋଗ କରିପାରିବେ ।

ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍' ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିବା ସମସ୍ତ ସଂଗ୍ରାମୀ ଏବଂ ସହିଦ୍‌ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏଥିସହିତ ଦେଶର ସୀମା ଏବଂ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ଦିଗରେ ସଶକ୍ତ ବାହିନୀର କର୍ତ୍ତବ୍ୟନିଷ୍ଠାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ଏକ ଆତ୍ମନିର୍ଭର, ସମୃଦ୍ଧ ତଥା ବିକଶିତ ଭାରତ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ନିଜକୁ ସାମିଲ୍ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦେଶବାସୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି । ଏକ ସୁରକ୍ଷିତ, ସଶକ୍ତ, ସମୃଦ୍ଧ, ଆତ୍ମନିର୍ଭର ଏବଂ ବିକଶିତ ଭାରତ ଗଠନ କରିବା ହେଉଛି ଆଜିର ଦିନରେ ୧୪୦ କୋଟି ଭାରତୀୟଙ୍କର ସମ୍ମିଳିତ ପ୍ରତିବଦ୍ଧତା ବୋଲି ଶ୍ରୀ ସିଂହ କହିଛନ୍ତି ।

## ଦିଲ୍ଲୀ କୋର୍ଟ - ନୀଟ୍

ନୀଟ୍ ସ୍ନାତକ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଅଧିକ ତଦନ୍ତ ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ଦିଲ୍ଲୀର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ତଦନ୍ତ ସମୟରେ ନୂତନ ତଥ୍ୟ ମିଳିବା ପରେ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଚାର୍ଜସିଟ୍‌ରେ ନାମ ଥିବା ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରିବାଲାଗି ସି.ବି.ଆଇ. ଅଦାଲତଙ୍କ ଅନୁମତି ଲୋଡ଼ିଛି । ଏଥିଲାଗି ସ୍ୱତନ୍ତ୍ର ବିଚାରପତି ଅଜୟ ଗୁପ୍ତା ଅନୁମତି ପ୍ରଦାନ କରିଛନ୍ତି ।

## ଏନ୍.ଟି.ଏ.

UGC-NET, CSIR-NET, CSIR-NET, ICAR AIEEA ସ୍ନାତକୋତ୍ତର ଏବଂ AICG ପିଏଚ୍.ଡି. ୨୦୨୬ ପରୀକ୍ଷାର ପ୍ରୋଭିଜନାଲ୍ ଉତ୍ତରଖାତା ଆସନ୍ତାକାଲି ପ୍ରକାଶ ପାଇବ । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ଦେଶର ବିଭିନ୍ନ ସ୍ଥାନରେ ୮୭ଟି ବିଷୟ ଲାଗି ଅନୁଷ୍ଠିତ ହୋଇଥିଲା ।

## ଇଣ୍ଡୋନେସିଆ - ଆର୍ଥକ୍ୱାକ୍

ଇଣ୍ଡୋନେସିଆର ଫ୍ଲୋର୍ସ ଦ୍ୱୀପରେ ଆଜି ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଦଶମିକ ୭ ରେକର୍ଡ଼ କରାଯାଇଛି । ଏହାଫଳରେ ଅନେକ ଘର ଓ ଅଟ୍ଟାଳିକା କ୍ଷତିଗ୍ରସ୍ତ

ହୋଇଥିବା ସହ ସୁନାମୀ ଲାଗି ସତର୍କ ସୂଚନା ଜାରି କରାଯାଇଛି । ତେବେ ମୃତାହତ ହୋଇଥିବା ରିପୋର୍ଟ ହସ୍ତଗତ ହୋଇ ନାହିଁ ।

## ଇଣ୍ଡିଆ-ଶ୍ରୀଲଙ୍କା ଟେଷ୍ଟ

ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ୍ ଆଜି ଶ୍ରୀଲଙ୍କାର ଗାଲା ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବ । ଏହି ମ୍ୟାଚ୍ ଆଜି ଭାରତୀୟ ସମୟ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ । ଆଇ.ସି.ସି. ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍- ୨୦୨୫-୨୭ ସାଇକେଲ୍‌ର ଏହି ସିରିଜ ଏକ ଅଂଶ ବୋଲି ଜଣାପଡ଼ିଛି । ଏହି ଦୁଇମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗାଲା ଷ୍ଟାଡିୟମରେ ୫୦ତମ ମ୍ୟାଚ୍ ହେବ । ଗାଲା ପିଚ୍ ସ୍ପିନ୍ ଅନୁକୂଳ ହେବ ବୋଲି ଆଶା କରାଯାଉଛି । ନ୍ୟୁଜିଲାଣ୍ଡ ଓ ସାଉଥ୍ ଆଫ୍ରିକାଠାରୁ ଟେଷ୍ଟରେ ପରାଜୟ ପରେ ଶୁଭମନ ଗିଲ୍ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ସିରିଜ୍‌ରେ ବିଜୟ ଲକ୍ଷ୍ୟ ଆଶା ରଖିଛି । ବର୍ତ୍ତମାନ ବିଶ୍ୱ ଟେଷ୍ଟ କ୍ରିକେଟ୍ ମାନ୍ୟତାରେ ଭାରତ ୫ମ ସ୍ଥାନରେ ରହିଛି ।

*****